# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**17 December - 2024**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ‘ଏକ ଦେଶ, ଏକ ନିର୍ବାଚନ’ ସଂକ୍ରାନ୍ତୀୟ ବିଲ୍ ସପକ୍ଷରେ ୨୬୯ ଜଣ ସାଂସଦ ଲୋକସଭାରେ ଦେଲେ ମତ ।
- ଜାତୀୟ ଶିକ୍ଷାନୀତିରେ ମାତୃଭାଷାକୁ ଗୁରୁତ୍ୱ ଦିଆଯାଉଛି; କହିଲେ ମୁଖ୍ୟମନ୍ତ୍ରୀ

– ସାନ୍ତାଳୀ ଭାଷାକୁ ବିଶ୍ୱ ଦରବାରରେ ପହଁଞ୍ଚାଇବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି

- ଆସନ୍ତାକାଲିଠାରୁ ରାଜ୍ୟସ୍ତରୀୟ ସର୍ଗିଫୁଲ ମହୋତ୍ସବ ଭୁବନେଶ୍ୱରରେ ହେବ ଆରମ୍ଭ

ଏବଂ

- ସୁଭଦ୍ରା ଯୋଜନାର ଆବେଦନପତ୍ରଗୁଡ଼ିକର ଯାଞ୍ଚ ଚାଲିଥିବାରୁ ଚଳିତ ମାସ ୨୫ ତାରିଖର ସହାୟତା ବଣ୍ଟନ ସ୍ଥଗିତ ରଖିଲେ ରାଜ୍ୟ ସରକାର ।

*Desk*

# 'ଏକ ଦେଶ, ଏକ ନିର୍ବାଚନ'

'ଏକ ଦେଶ, ଏକ ନିର୍ବାଚନ' ସଂକ୍ରାନ୍ତୀୟ ବିଲ୍ ଆଜି ଲୋକସଭାରେ ଉପସ୍ଥାପନ କରାଯାଇଛି। ଲୋକସଭାରେ ୨୬୯ ଜଣ ସାଂସଦ ବିଲ୍ ସପକ୍ଷରେ ଭୋଟ୍ ଦେଇଥିବାବେଳେ ୧୯୮ ଜଣ ସାଂସଦ ବିଲ୍ ବିପକ୍ଷରେ ଭୋଟ୍ ଦେଇଛନ୍ତି। 'ଏକ ଦେଶ, ଏକ ନିର୍ବାଚନ' ବିଲ୍ ଉପରେ ଭୋଟିଂ ହେବାପରେ ବାଚସ୍ପତି ଓମ୍ ବିର୍ଲା ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି। କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଆଜି ପୂର୍ବାହ୍ନରେ ଏହି ବିଲ୍‌କୁ ଲୋକସଭାରେ ଆଗତ କରିଥିଲେ। ଦେଶରେ ଏକକାଳୀନ ରାଜ୍ୟ ତଥା କେନ୍ଦ୍ର ସରକାର ଗଠନ ପାଇଁ ଏକକ ନିର୍ବାଚନ କରିବା ସପକ୍ଷରେ ଗତ ସପ୍ତାହରେ କେନ୍ଦ୍ର କ୍ୟାବିନେଟ୍ ସ୍ୱୀକୃତି ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, 'ଏକ ଦେଶ, ଏକ ନିର୍ବାଚନ' ବିଲ୍ ଯୁଗ୍ମ ସଂସଦୀୟ କମିଟିକୁ ପଠାଯାଉ। ଯୁଗ୍ମ ସଂସଦୀୟ କମିଟିରେ ବିଲ୍ ଉପରେ ପୁଙ୍ଖାନପୁଙ୍ଖ ଆଲୋଚନା ହେବାନେଇ ମଧ୍ୟ ଗୃହମନ୍ତ୍ରୀ ଅମିତ୍ ଶାହା ମତପ୍ରକାଶ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁ କହିଛନ୍ତି, ଏହି ବିଲ୍ କୌଣସି ଦଳ ବା ବ୍ୟକ୍ତିବିଶେଷଙ୍କ ପାଇଁ ନୁହେଁ। ଏହା ଦେଶର ହିତ ପାଇଁ ଉଦ୍ଦିଷ୍ଟ। ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାରଙ୍କ ସହଯୋଗୀ ଦଳ ଜନତା ଦଳ ୟୁନାଇଟେଡ୍, ତେଲଗୁଦେଶମ୍ ପାର୍ଟି, ଶିବସେନା ଏବଂ ଅନ୍ୟ ଦଳମାନେ ବିଲ୍ ସପକ୍ଷରେ ମତପୋଷଣ କରିଥିବାବେଳେ କଂଗ୍ରେସ, ଡିଏମ୍‌କେ, ସମାଜବାଦୀ ପାର୍ଟି ବିଲ୍‌କୁ ପ୍ରତ୍ୟାହାର କରିବା ପାଇଁ ସଂସଦରେ ଦାବି

କରିଛନ୍ତି । ସୂଚନାଯୋଗ୍ୟ ସଂସଦରେ 'ଏକ ଦେଶ, ଏକ ନିର୍ବାଚନ' ବିଲ୍ ଆଗତ କରାଯାଇ ସମ୍ବିଧାନର ଧାରା ୧୨୯ ସଂଶୋଧନ ପାଇଁ ଆଜି ପ୍ରସ୍ତାବ ଆଗତ କରାଯାଇଛି । 'ଏକ ଦେଶ, ଏକ ନିର୍ବାଚନ' ବିଲ୍‌ରେ ଲୋକସଭା ସହିତ ବିଧାନସଭା ନିର୍ବାଚନ ଏକସାଙ୍ଗରେ କରାଯିବ ଏବଂ ପରବର୍ତ୍ତୀ ୧୦୦ ଦିନ ମଧ୍ୟରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳଗୁଡ଼ିକରେ ଲୋକପ୍ରତିନିଧି ନିର୍ବାଚନ କରିବା ପାଇଁ ପ୍ରସ୍ତାବ ରହିଛି ।

***Keonjhar/BBSR/R***

## ମୁଖ୍ୟମନ୍ତ୍ରୀଙ୍କ ତିନିଦିନିଆ ଗସ୍ତ

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଜାତୀୟ ଶିକ୍ଷାନୀତି-୨୦୨୦ ଦ୍ୱାରା ସ୍ଥାନୀୟ ତଥା ମାତୃଭାଷାକୁ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ପୂର୍ବାହ୍ନରେ କେନ୍ଦୁଝରର ଅଶୋକବାଟିକାରେ ଅନୁଷ୍ଠିତ ସର୍ବଭାରତୀୟ ସାନ୍ତାଳୀ ଲେଖକ ସମ୍ମିଳନୀରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ଏକ ପ୍ରମୁଖ ଅଂଶ ହେଉଛି ସାନ୍ତାଳୀ ଭାଷା । ଏହି ଭାଷାର ପ୍ରଚାର ଓ ପ୍ରସାର ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି ।  ସାନ୍ତାଳୀ ଭାଷା ସାହିତ୍ୟକୁ ସମୃଦ୍ଧ କରିବାରେ ସମସ୍ତ ଲେଖକଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ।

**- V/O -**

ସାନ୍ତାଳୀ ଭାଷାକୁ ବିଶ୍ୱ ଦରବାରରେ ପହଁଞ୍ଚାଇବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ପ୍ରାଥମିକ ସ୍ତରରେ ସାନ୍ତାଳୀ ଭାଷାରେ ଶିକ୍ଷା ପ୍ରଦାନ ନିମନ୍ତେ ରାଜ୍ୟ

ସରକାର ବିଚାର କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବିଭିନ୍ନ ଭାଷାରେ ଲିଖିତ ପୁସ୍ତକଗୁଡ଼ିକୁ କିପରି ସାନ୍ତାଳୀ ଭାଷାରେ ଅନୁବାଦ କରାଯାଇପାରିବ ସେ ସମ୍ପର୍କରେ ସାନ୍ତାଳୀ ଲେଖକମାନେ ଉଦ୍ୟମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ସାହିତ୍ୟ ପତ୍ରିକା ଏବଂ ସ୍ମରଣିକା ଉନ୍ମୋଚନ କରିଥିଲେ ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜିଠାରୁ ତିନିଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇଛନ୍ତି । ଆସନ୍ତାକାଲି ଗୋନାସିକା କେନ୍ଦୁଝର ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଗୁରୁବାର ଦିନ ମୁଖ୍ୟମନ୍ତ୍ରୀ ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି ।

***Puri***

# ରତ୍ନଭଣ୍ଡାର ମରାମତି

ପୁରୀ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଏଏସ୍‌ଆଇ ପକ୍ଷରୁ ଆଜିଠାରୁ ଆରମ୍ଭ ହୋଇଛି । ଦ୍ୱିତୀୟ ଭୋଗ ମଣ୍ଡପ ନୀତି ପରେ ରତ୍ନ ଭଣ୍ଡାର ଭିତରେ ଭାରା ବନ୍ଧା କାର୍ଯ୍ୟ ଶେଷ ହୋଇଛି । ହେଲେ ଆସନ୍ତାକାଲି ମହାପ୍ରଭୁଙ୍କ ଦୀବା ପହୁଡ଼ ନୀତି ଥିବାରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିବ । ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ଭିତର ରତ୍ନଭଣ୍ଡାର ଘରର ଚାବି ଖୋଲାଯାଇଛି । ପ୍ରଥମେ ଭିତର ରତ୍ନଭଣ୍ଡାର ମରାମତି କରାଯିବା ପରେ ବାହାର ଭଣ୍ଡାର ମରାମତି କରାଯିବ ବୋଲି ଏଏସ୍‌ଆଇ ପକ୍ଷରୁ କୁହାଯାଇଛି । ପ୍ରାୟ ୧୫ରୁ ୨୦ ଜଣ

କୁଶଳୀ ଶ୍ରମିକ ରତ୍ନଭଣ୍ଡାର ମରାମତି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ମରାମତି ସମୟରେ ଭକ୍ତମାନେ ବାହାର କାଠରୁ ମହାପ୍ରଭୁଙ୍କ ଦର୍ଶନ କରିଥିବା ବେଳେ ଶୃଙ୍ଖଳିତ ନୀତିକାନ୍ତି ଉପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ଆସନ୍ତା ତିନିମାସ ଭିତରେ ଭିତର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

***Desk***

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାରେ ଆବେଦନପତ୍ରଗୁଡ଼ିକ ଯାଞ୍ଚ ଚାଲିଥିବାରୁ ଆସନ୍ତା ୨୫ ତାରିଖରେ ଦିଆଯିବାକୁ ଥିବା ଚତୁର୍ଥ କିସ୍ତି ସହାୟତାକୁ ସ୍ଥଗିତ ରଖାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ସହାୟତା ପାଇବା ନିମନ୍ତେ ବାୟୋମେଟ୍ରିକ୍ ପ୍ରକ୍ରିୟାରେ ଇ-କେଓ୍ୱାଇସି କରାଯାଉଛି। ବାୟୋମେଟ୍ରିକ୍ ପ୍ରକ୍ରିୟାରେ ସମସ୍ତ ଆବେଦନକାରୀଙ୍କ ଇ-କେଓ୍ୱାଇସି ଯାଞ୍ଚ ଶେଷ ହେବାପରେ ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ସହାୟତା ରାଶି ଦିଆଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

ଅନ୍ୟପକ୍ଷରେ କର୍ତ୍ତବ୍ୟରେ ଅବହେଳା ପାଇଁ ଏପର୍ଯ୍ୟନ୍ତ ୫୨ଟି ଜନସେବା କେନ୍ଦ୍ରକୁ କଳା ତାଲିକାଭୁକ୍ତ କରାଯାଇଛି ଏବଂ ହିତାଧିକାରୀଙ୍କ ଠାରୁ ଟଙ୍କା ଦାବି କରିବା ଅଭିଯୋଗରେ ୧୪ଟି ଜନସେବା କେନ୍ଦ୍ର ବିରୁଦ୍ଧରେ ଥାନାରେ ଏତଲା ଦିଆଯାଇଛି।

***Desk***

## ଧର୍ମେନ୍ଦ୍ର ପ୍ରଧାନ- ଏନ୍‌ଟିଏ ନିଯୁକ୍ତି

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଜାତୀୟ ପରୀକ୍ଷଣ ସଂସ୍ଥା- ଏନ୍.ଟି.ଏ. ନିଯୁକ୍ତି ପରୀକ୍ଷା ଆୟୋଜନ ପରିବର୍ତ୍ତେ ୨୦୨୫ରୁ ଆରମ୍ଭ ହେବାକୁ ଥିବା ଉଚ୍ଚଶିକ୍ଷା ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ଆୟୋଜନ ଉପରେ ବିଶେଷ ଧ୍ୟାନ ଦେବ। ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ସରକାର ୧୦ଟି ନୂଆ ପଦବୀ ସୃଷ୍ଟି କରି ଏନ୍.ଟି.ଏ'ର ପୁନର୍ଗଠନ କରିବାକୁ ସରକାର ଯୋଜନା କରୁଛନ୍ତି।

ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ନିଟ୍ ୟୁଜି ଅନଲାଇନ୍ କିମ୍ବା ଅଫଲାଇନ୍ ଢାଞ୍ଚାରେ ହେବ ସେହି ସମ୍ବନ୍ଧରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହ ଆଲୋଚନା ଚାଲିଛି।

***BBSR/R***

## ବିଭାଗୀୟ ପ୍ରକଳ୍ପ- ସମୀକ୍ଷା ବୈଠକ

ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଭୁବନେଶ୍ୱର ଲୋକସେବା ଭବନଠାରେ ବିଭିନ୍ନ ବିଭାଗୀୟ ପ୍ରକଳ୍ପ ଗୁଡିକର ସମୀକ୍ଷା କରିଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ  କାର୍ଯ୍ୟ ଶେଷ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରକଳ୍ପର ସମୀକ୍ଷା କରାଯାଇଥିଲା।

***HS***

## ଉପମୁଖ୍ୟମନ୍ତ୍ରୀଙ୍କ ଦୁଇ ଜିଲ୍ଲା ଗସ୍ତ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆସନ୍ତାକାଲି ଠାରୁ ତିନି ଦିନିଆ ଗସ୍ତରେ କୋରାପୁଟ ଓ ମାଲକାନଗିରି ଜିଲ୍ଲା ଯିବେ। ଶ୍ରୀମତୀ ପରିଡ଼ା ତାଙ୍କ ଗସ୍ତ ସମୟରେ କୋରାପୁଟ ଜିଲ୍ଲା ମହୋତ୍ସବ 'ପରବ-୨୦୨୪' ରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏହା ବ୍ୟତୀତ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଦୁଇ ଜିଲ୍ଲାରେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଶନ ଶକ୍ତି ବିଭାଗର କାର୍ଯ୍ୟାନ୍ୱୟନ ସଂକ୍ରାନ୍ତୀୟ  ସମୀକ୍ଷା ବୈଠକରେ ଭାଗ ନେବେ।

***BBSR***

## ସର୍ଗିଫୁଲ

ରାଜ୍ୟସ୍ତରୀୟ ସର୍ଗିଫୁଲ ମହୋତ୍ସବ ଆସନ୍ତାକାଲିଠାରୁ ଭୁବନେଶ୍ୱର ୟୁନିଟ୍-୧ ଆଦିବାସୀ ପଡ଼ିଆଠାରେ ଆରମ୍ଭ ହେବ। ତିନିଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଉତ୍ସବରେ ୩୦ଟ ଜିଲ୍ଲାରୁ ୩୫୧ ଜଣ ଛାତ୍ର, ୭୩୧ ଜଣ ଛାତ୍ରୀ ଏବଂ ୧୩୯ ଜଣ କ୍ରୀଡ଼ା ଶିକ୍ଷକ ଓ ମାର୍ଗଦର୍ଶୀ ଶିକ୍ଷକ ଭାଗ ନେବେ। ଉଦ୍‌ଘାଟନୀ ସମାରୋହରେ ପଞ୍ଚାୟତିରାଜ ଏବଂ  ପାନୀୟ ଜଳ ଓ ଗ୍ରାମ୍ୟ ଉନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗ ଦେବେ। ଉଦ୍‌ଯାପନୀ ଉତ୍ସବରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

***Nabarangpur***

## ଯୁବ ଉତ୍ସବ ଅନୁଷ୍ଠିତ

ନବରଙ୍ଗପୁରରେ ନେହରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ଯୁବକମାନେ ମୁଖ୍ୟ ଭୂମିକା ନେବାକୁ ଶ୍ରୀ ଗଣ୍ଡ ଆହ୍ୱାନ ଦେଇଥିଲେ।

***Deogarh***

## କୃଷି ଗଣନା ପ୍ରଶିକ୍ଷଣ

ଦେବଗଡ଼ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ୧୧ତମ କୃଷି ଗଣନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ରାମସେବକ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରେବେକା ବିଲୁଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୃଷକମାନଙ୍କ ଆର୍ଥିକ ସ୍ଥିତି ମଜଭୁତ କରିବା, ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର, ମୃତ୍ତିକା ପରୀକ୍ଷା ଏବଂ ଜୈବିକ କୃଷି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ଦ୍ୱିତୀୟ ପର୍ଯ୍ୟାୟରେ ମୋଟ୍ ୧୫୧ଟି ନମୁନା ଗ୍ରାମ ଏବଂ ତୃତୀୟ ପର୍ଯ୍ୟାୟରେ ୫୪ଟି ଗ୍ରାମରୁ ତଥ୍ୟ ସଂଗ୍ରହ କରାଯିବା ଉପରେ ଆଲୋଚନା ହୋଇଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି।

***BHK***

## କୃଷି ବିଜ୍ଞାନ କେନ୍ଦ୍ର ବୈଠକ

ଭଦ୍ରକ ଜିଲ୍ଲା ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରରେ ୨୧ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓୟୁଏଟିର

ସମ୍ପ୍ରସାରଣ ଯୁଗ୍ମ ନିର୍ଦ୍ଦେଶକ ଅମରେଶ ଖୁଣ୍ଟିଆ, ରାଣୀତାଲ କୃଷି ବିଜ୍ଞାନର ମୁଖ୍ୟ ଡକ୍ଟର ସଞ୍ଜୟ ମହାନ୍ତି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସମେତ ବୈଜ୍ଞାନିକମାନେ ଯୋଗ ଦେଇଥିଲେ। ବୈଜ୍ଞାନିକ ପଦ୍ଧତିରେ ଚାଷ କରି ଚାଷୀମାନେ ଆର୍ଥିକ କ୍ଷେତ୍ରରେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

***Desk***

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଜୟନ୍ତୀ

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଆଜି ରାଜ୍ୟବ୍ୟାପୀ ପାଳନ କରାଯାଉଛି। ଏହି ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ କହିଛନ୍ତି, ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଜଣେ ସୁଶାସକ ଭାବେ ଓଡ଼ିଶାର ବିକାଶରେ ବହୁମୂଲ୍ୟ ଅବଦାନ ରଖିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମହାରାଜାଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଜୟଦେବ ଭବନରେ ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଆରମ୍ଭ ହୋଇଛି।

***Desk***

# ପାଣିପାଗ

ପଶ୍ଚିମା ଝଡ଼ ପ୍ରଭାବରେ ଆସନ୍ତା ସୋମବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପ ବର୍ଷା ସହିତ ପାଗ କୋହଲା ରହିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।

ପୁରୀ, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ରାୟଗଡା, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ଘଡ଼ଘଡ଼ି ସହିତ କମ୍‌ରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି। ରବିବାର ଏବଂ ସୋମବାର ଦିନ ବର୍ଷାର ପରିମାଣ ବୃଦ୍ଧି ପାଇବ। ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ ବର୍ଷାର ପରିମାଣ ଅଧିକ ରହିବ ବୋଲି ଅନୁମାନ କରାଯାଇଛି। ପାଣିପାଗ ବିଭାଗର ନିର୍ଦ୍ଦେଶିକା ମନୋରମା ମହାନ୍ତି ଅମଳ ଧାନକୁ ସୁରକ୍ଷିତ ରଖିବା ପାଇଁ ଯଥାସମ୍ଭବ ଚେଷ୍ଟା କରିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୦ଟି ସ୍ଥାନରେ ରାତି ତାପମାତ୍ରା ୧୦ ଡିଗ୍ରୀରୁ କମ୍ ଥିଲା। ରାଉରକେଲାଠାରେ ସର୍ବନିମ୍ନ ତାପମାତ୍ରା ୫ ଦଶମିକ ୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା।